ଭାରତ ସଂଘ ଏବଂ ଅନ୍ୟମାନେ

ବନାମ

ସୀତାରାମ ଶିବହାଦ୍ରଏ ଗରୋଡ଼ିୟା ଏବଂ ଅନ୍ୟମାନେ

ନଭେମ୍ବର 4,1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894 :*

*ରେଳବାଇ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଥିବା ଜମି – ପରବର୍ତ୍ତୀ ସମୟରେ ପରିତ୍ୟାଗ କରାଯାଇଥିବା ପ୍ରସ୍ତାବ – ସରକାରଙ୍କ ଦ୍ୱାରା ପୂର୍ବତନ ମାଲିକମାନଙ୍କୁ ଉଚ୍ଛେଦ – ସେହି ସମାନ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରଦ୍ଦ କରାଯାଇଛି – ଉତ୍ତରଦାତାମାନଙ୍କୁ ପକ୍ଷଭୁକ୍ତ କରାଯାଇନାହିଁ – ସରକାର ସେମାନଙ୍କୁ ପକ୍ଷଭୁକ୍ତ କରିବା ପାଇଁ ପଦକ୍ଷେପ ନେଇପାରନ୍ତି – ଉତ୍ତରଦାତାମାନେ ସେହି ପ୍ରତିରକ୍ଷା ଗ୍ରହଣ କରିବେ ଯାହା ଉପଲବ୍ଧ ଥିବ ।*

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 14781/1996

ଡବ୍ଲ୍ୟୁ.ପି. ସଂଖ୍ୟା 2705/1986 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର 11.8.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଏନ୍.ଏନ୍. ଗୋସ୍ୱାମୀ, ଏସ୍.ଏନ୍. ସିକ୍କା ଏବଂ ଡି.ଏସ୍. ମେହେରା ।

ଉତ୍ତରଦାତାମାନଙ୍କ ପାଇଁ ଏଫ୍.ଏସ୍. ନରିମାନ୍, ଡଃ.ଏ.ଏମ୍. ସିଂହଭି, ଧ୍ରୁବ ମେହେଟ୍ଟା, ଫଜଲିନ୍ ଅନାମ, ସୁଶ୍ରୀ ମୋନିକା ମେହେଟ୍ଟା ଏବଂ ଅମନ୍ ଭଚ୍ଚର ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ଡବ୍ଲୁ.ପି.ସଂଖ୍ୟା 2705/1986ରେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠର ଅଗଷ୍ଟ 11,1994 ତାରିଖରେ ଦିଆଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

ଏହି ମାମଲା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପରେ ବିସ୍ତୃତ ଭାବେ ଆଲୋଚନା କରିବାର ଆବଶ୍ୟକତା ନାହିଁ । ଏହା କହିବା ପାଇଁ ଯଥେଷ୍ଟ ହେବ ଯେ, ଉତ୍ତରଦାତାମାନେ ସର୍ବେକ୍ଷଣ ସଂଖ୍ୟା 249 ରେ 130 ଏକର 19 ଗୁଣ୍ଠ ପରିମାପ ବିଶିଷ୍ଟ ଜମିର କିଛି ଅଂଶ ଅଧିଗ୍ରହଣକୁ ଆପତ୍ତି କରିଛନ୍ତି, ଯାହାକୁ ଉତ୍ତରଦାତା କିଣିଥିବା ଦାବି କରିଛନ୍ତି । ଏହା ପ୍ରତୀତ ହୁଏ ଯେ, ରେଳବାଇ ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠରେ ସେମାନେ ରେଳବାଇ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣର ପ୍ରସ୍ତାବକୁ ପ୍ରତ୍ୟାହାର କରିଦେଇଛନ୍ତି । ସେହି ପରିସ୍ଥିତିରେ, ଅଧିଗ୍ରହଣ ସହିତ ଆଗକୁ ବଢ଼ିବାର କୌଣସି ଆବଶ୍ୟକତା ନାହିଁ ।

ଏହାପରେ ଉତ୍ତରଦାତାମାନଙ୍କ ପକ୍ଷରୁ ଉପସ୍ଥିତ ହୋଇଥିବା ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ ଏଫ୍.ଏସ୍. ନରିମାନ୍ ଦ୍ୱାରା ଯୁକ୍ତି ଦର୍ଶାଇଥିଲେ ଯେ, ଡବ୍ଲ୍ୟୁ.ପି. ସଂଖ୍ୟା 1003/1982 ରେ ଯାହାର ଶୀର୍ଷକ *ସୀତାରାମ ଶିବଚାନ୍ଦ ଗାରୋଡ଼ିଆ ଏବଂ ଅନ୍ୟଜଣେ ବନାମ ଏସ୍.ଭି. ଗୋଖଲେ, ସହକାରୀ ଲବଣ ଆୟୁକ୍ତ ଏବଂ ଅନ୍ୟମାନେ,* ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠ ଏପ୍ରିଲ 28,1983 ତାରିଖର ଆଦେଶ ଦ୍ୱାରା ରିଟ୍ ଆବେଦନକୁ ଅନୁମତି ଦିଆ ଯାଇଥିଲା, ଯାହା ସେମାନଙ୍କର ଦାଖଲରେ ଥିବା ଜମିରୁ ସଂକ୍ଷିପ୍ତ ଉଚ୍ଛେଦ ପାଇଁ କାର୍ଯ୍ୟବିଧି ରଦ୍ଦ କରି ଦିଆ ଯାଇଥିଲା, ଭାରତ ସଂଘକୁ ଜମି ଉପରେ ସେମାନଙ୍କର ଅଧିକାର ପ୍ରତିଷ୍ଠା କରିବା ପାଇଁ ଏକ ମାମଲା ଦାୟର କରିବାକୁ ସ୍ୱାଧୀନତା ଦେଇଥିଲେ । ଯେତେବେଳେ ଉକ୍ତ ରାୟ ବିରୁଦ୍ଧରେ ଏସ୍.ଏଲ୍.ପି. (ସି) ସଂଖ୍ୟା 8706/1984 ଏବଂ 11507-08/1983 ଦାଖଲ କରାଯାଇଥିଲା, ସେତେବେଳେ ମାର୍ଚ୍ଚ 30,1987 ତାରିଖର ଆଦେଶ ଦ୍ୱାରା, ଏହି ନ୍ୟାୟାଳୟ ଅନୁମତି ଦେବାକୁ ମନା କରିଦେଇଥିଲେ । ଅପିଲକାରୀଙ୍କ ଦ୍ୱାରା ଉତ୍ତରଦାତାଙ୍କୁ ଜମିରୁ ଉଚ୍ଛେଦ କରିବା ପାଇଁ କରାଯାଇଥିବା ପ୍ରୟାସ ମକଦ୍ଦମାର ବିଭାଜନ ଅଧୀନରେ ନିର୍ଣ୍ଣିତ/ସମାପ୍ତ ହୋଇଛି । ଆମକୁ ଅବଗତ କରାଯାଇଛି ଯେ, ଯଦିଓ ଅପିଲକାରୀମାନେ ଉଚ୍ଚ ନ୍ୟାୟାଳୟଙ୍କର ମୂଳ ପାର୍ଶ୍ୱରେ ମକଦ୍ଦମା ସଂଖ୍ୟା 670/87 ଦାଖଲ କରିଛନ୍ତି, ଏହା ଯୁକ୍ତି କରାଯାଇଛି ଯେ, କାରଣ ଶୀର୍ଷକ ଅନୁଯାୟୀ, ଏହା ପ୍ରତୀତ ହୁଏ ଯେ, ଉତ୍ତରଦାତାମାନଙ୍କୁ ପକ୍ଷ-ପ୍ରତିବାଦୀ ଭାବରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ଆମକୁ ଏହାର ସଠିକତା ବିଷୟରେ ବିଚାର କରିବାର ଆବଶ୍ୟକତା ନାହିଁ, ଯେହେତୁ ସ୍ପଷ୍ଟ ଭାବରେ ଉତ୍ତରଦାତାମାନେ ମକଦ୍ଦମାର ପକ୍ଷ ନୁହଁନ୍ତି ବୋଲି ଦର୍ଶାଯାଇଛି; ତଥାପି, ଯଦି ପୂର୍ବରୁ ଅନ୍ତର୍ଭୁକ୍ତ ହୋଇନଥିବ, ତେବେ ସେମାନଙ୍କୁ ପ୍ରତିବାଦୀ ଭାବରେ ପକ୍ଷଭୁକ୍ତ କରିବା ଆଇନ ଅନୁଯାୟୀ ଉପଲବ୍ଧ ପଦକ୍ଷେପ ନେବା ସରକାରଙ୍କ ପାଇଁ ଉନ୍ମୁକ୍ତ ରହିବ, ଏବଂ ଏପରି ପରିସ୍ଥିତିରେ, ଉତ୍ତରଦାତାମାନେ ସେହି ପ୍ରତିରକ୍ଷା ଗ୍ରହଣ କରିବେ ଯାହା ଉପଲବ୍ଧ ଥିବ ।

ତଦନୁସାରେ ଅପିଲଟିର ପରିସମାପ୍ତି କରାଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲର ପରିସମାପ୍ତି କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା : ସସ୍ମିତା ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ